# Akashvani, Sambalpur

# SAMBALPURI NEWS MORNING BULLETIN

## 29 March 2026 - 6.47- 6.52 am.

---

ମନ୍ କି ବାତ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ରନ୍ଧାଗେସ୍-ବୈଠକ ଆର୍ଏନ୍ୟୁ/ ସମ୍ବଲପୁର

ରନ୍ଧାଗେସ୍ ବାବ୍ଦେ ଗଲାକାଏଲ୍ ଓଡ଼ିଶା ସହେତେ ୯ ଟା ରାଜ୍ୟକେ ନେଇକରି କେନ୍ଦ୍ର ସର୍କାର୍ ଗୁଟେ ବୈଠକ୍ କରିଛନ୍ । ନୂଆଦିଲ୍ଲୀ ଠାନେ କେନ୍ଦ୍ରମନ୍ତ୍ରୀ ମନୋହର୍ ଲାଲ୍ ଖଟ୍ଟରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ୯ ଟା ରାଜ୍ୟର୍ ଖାଦ୍ୟଯୋଗାଣ ମନ୍ତ୍ରୀମାନେ ଯୋଗ୍ ଦେଇଥିଲେ । ଓଡ଼ିଶା ନ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୈଠକ୍ଥି ଉପସ୍ଥିତ୍ ଥିଲେ । ବୈଠକ୍ ଉତ୍ରୁ ମନ୍ତ୍ରୀ ଶ୍ରୀ ପାତ୍ର ଗଣମାଧ୍ୟମ୍କେ ସୂଚ୍ନା ଦେଇକରି କହିଛନ୍, ସହରାଂଚଲ୍ ନ ଅଏତ୍କାନୁ ଅଏତ୍କା ପିଏନ୍ଜି ସଂଯୋଗ୍ କରବାର୍କେ କେନ୍ଦ୍ର ତରଫ୍ରୁ ପରାମର୍ଶ ଦିଆଯାଇଛେ । ଇ ଅବ୍ସରେ ମନ୍ତ୍ରୀ କହିଛନ୍, ରାଏଜେ ଏଲ୍ପିଜି କି ପେଟ୍ରୋଲ୍ ଆଉ ଡିଜେଲ୍ର ବିଲ୍କୁଲ୍ ଅଭାବ୍ ନାଇଁନ ।

ସୁଭଦ୍ରା-ଉପମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ମହିଳାମାନ୍‌କର୍ ଆର୍ଥିକ୍ ସଶକ୍ତିକରଣ୍ ଲାଗି ରାଜ୍ୟ ସର୍କାର୍ ତର୍ଫୁ ସୁଭଦ୍ରା ଯୋଜ୍‌ନା ଅଧୀନ୍‌ଥି ଅଏତ୍‌କା ଯୋଗ୍ୟ ହିତାଧିକାରୀମାନ୍‌କୁ ସାମିଲ୍ କର୍‌ବାର୍ ଲାଗି ଆଏବା ଏପ୍ରିଲ୍ ୧ ତାରିଖ୍‌ନୁ ନୂଆଁ ପଞ୍ଜିକରଣ୍ ମୁଲ୍ ହେବା ।  ଏପ୍ରିଲ୍ ୧ ନୁ ୩୦ ତାରିଖ୍‌ତକ୍ ସୁଭଦ୍ରା ପୋର୍ଟାଲ୍ ଜରିଏ ଯୋଗ୍ୟ ହିତାଧିକାରୀମାନେ ଆବେଦନ୍ କରିପାର୍‌ବେ । ଯେନ୍‌ମାନେ ଆଘୋନୁ ଆବେଦନ୍ ନାଇଁ କରି ଖାଲି ସେମାନେ ହିଁ ଆବେଦନ୍ କରିପାର୍‌ବେ ।

ମୋଟର୍ ଯାନ ଯାଂଚ୍ ପ୍ରକ୍ରିୟା        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ପରିବହନ୍ ବିଭାଗ୍ ତର୍ଫୁ ଗଲା ୨୧ ତାରିଖ୍ ନୁ ସବୁ ଜିଲ୍ଲା ନ ଚାଲିଥିବା ଯାଂଚ୍ ପ୍ରକ୍ରିୟାଥି ଗଲା ୫ ଦିନ୍ ଭିତ୍‌ରେ ୪୦ ହଜାର୍ ୭ ଶହ ୬୪ ଝନ୍ ମୋଟର୍ ଯାନ ନିୟମ୍ ଉଲ୍ଲଂଘନ୍‌କାରୀଙ୍କୁ ଚିହ୍ନଟ୍ କରାଯାଇକରି ସେମାନ୍‌କର୍ ବିରୋଧିଥି କାର୍ଯ୍ୟାନୁଷ୍ଠାନ୍ ନିଆଯାଇଛେ । ସେଥିର୍‌ଭିତ୍‌ରେ ଲାଇସେନ୍ସ ନାଇଁ ଥାଇକରି ଗାଡ଼ି ଚଲଉଥିବାର୍ ୮ ହଜାର୍ ୬ ଶହ ୬୨ ଝନ୍ ଚାଲକ ଧରାପଡ଼ିଛନ୍ । ଇ ସ୍ୱତନ୍ତ୍ର ଯାଂଚ୍ ଅଭିଯାନ୍ ଆଏବା ୩୧ ତାରିଖ୍‌ତକ୍ ଚାଲ୍‌ବା ।

ଓକିଲ ସଂଘ ନିର୍ବାଚନ          ଆର୍‌ଏନ୍‌ୟୁ/ ସମ୍ବଲପୁର

ୱାନ୍ ବାର୍- ୱାନ୍ ଇଲେକ୍ସନ୍ ନୀତି ଆଧାର୍‌ଥି ରାଜ୍ୟର୍ ଓକିଲ ସଂଘମାନ୍‌କେ ଗଲାକାଏଲ୍ ଶାନ୍ତିଶୃଙ୍ଖଲାର୍ ସହେତେ ନିର୍ବାଚନ୍ ଶେଷ୍ ହେଇଛେ । ରାଜ୍ୟ ଆଇନ୍‌ଜୀବୀ ପରିଷଦ୍ ସଙ୍ଗେ ଅନୁବନ୍ଧିତ୍ ଶହେ ୫୮ ଟା ଓକିଲ୍ ସଂଘ ଭିତ୍‌ରୁ ଶହେ ୫୫ ଟା ସଂଘ ନ ନିର୍ବାଚନ୍ ହେଇଥିଲା । ନିର୍ବାଚନ୍‌ଥି ୩୮ ହଜାର୍ ୩ ଶହ ୯୧ ଝନ୍ ଆଇନ୍‌ଜୀବୀ ନିଜର୍ ମତାଧିକାର୍ ସାବ୍ୟସ୍ତ କରିଥିଲେ । ସଖାଲର୍ ସାଢ଼େ ୭ ବଜେନୁ ଉପର୍‌ବେଲା ୩ ବଜେତକ୍ ମତଦାନ୍ ଚାଲିଥିଲା । ତାର୍ ଉତ୍‌ରୁ ଭୋଟ୍‌ଗନ୍‌ତି ହେଇକରି ଫଲାଫଲ୍ ବାହାରିଛେ ।

ଏନ୍‌ଆଇଓଏସ୍ -ସାର୍ବଜନୀନ ପରୀକ୍ଷା   ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ୍ ଏନ୍‌ଆଇଓଏସ୍ ନ ଆଏବା ଏପ୍ରିଲ୍ ୧୦ ତାରିଖ୍ ଦିନ ସାର୍ବଜନୀନ ପରୀକ୍ଷା କରାଯିବା ।

ମାଧମିକ ଆଉ ମାଧମିକ ବରିଷ୍ଠ ପାଠ୍ୟକ୍ରମ୍ ଲାଗି ଇ ପରୀକ୍ଷା ହେବା । ଇ ବାବ୍ଦେ ପ୍ରତିଷ୍ଠାନ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ପରୀକ୍ଷା ବାବ୍ଦେ ଅଏତ୍କା ତଥ୍ୟ ଏନ୍ଆଇଓଏସ୍ର ୱେବ୍ସାଇଟ୍ନୁ ଜନାପଡ଼୍ବା ବଲି ବିଜ୍ଞପ୍ତିଥି କୁହାଯାଇଛେ ।

ଲକ୍ଷ୍ମଣ ନାୟକ-ଶ୍ରାଦ୍ଧଦିବସ ଆଇ ଆଣ୍ଡ୍ ପି.ଆର୍

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ ଲକ୍ଷ୍ମଣ ନାୟକଙ୍କର୍ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ୍ ଆଏଜ୍ ସାରା ରାଏଜେ ପାଲନ୍ କରାଯାଉଛେ । ଇ ଅବ୍ସରେ ଆଏଜ୍ ସଖାଲ୍ ବେଲା ବିଧାନ୍ସଭା ପରିସର୍ ନ ଥିବା ତାଙ୍କର୍ ପ୍ରତିମୂର୍ତିଥି ବାଚସ୍ପତି ସୁରମା ପାଢ଼ୀ ଆଉ ଅଲ୍ଗା ବ୍ୟକ୍ତିବିଶେଷ୍ମାନେ ଶ୍ରଦ୍ଧାଞ୍ଜଳି ଦେବାର୍ କାର୍ଯ୍ୟସୂଚୀ ରହିଛେ । ବେଲ୍ବୁଡ଼୍ର୍ ୬ ବଜେ ଭୁବ୍ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ଆୟୋଜିତ୍ ଗୁଟେ ସାଧାରଣ୍ ସଭାଥି ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ୍ ଦେବେ ।

ନେକ୍ସଟଜେନ୍ ଡାକଘର          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ପାଖର୍ ବନ୍ଦୀପୋଲା ସର୍କାରୀ ଇଞ୍ଜିନିୟରିଂ କଲେଜ ପରିସର୍ ନ ଛାତ୍ରଛାତ୍ରୀମାନ୍କୁ ଆଧୁନିକ୍ ଡାକସେବା ଯୁଗେଇ ଦେବାର୍ ଲାଗି ଗୁଟେ ନେକ୍ସଟଜେନ୍ ଡାକଘର ଉଦ୍ଘାଟିତ୍ ହେଇଯାଇଛେ । ବ୍ରହ୍ମପୁର୍ କ୍ଷେତ୍ର ଡାକପାଳ କର୍ଣ୍ଣେଲ୍ ବିନୋଦ୍ କୁମାର୍ ମୁଖ୍ୟଅତିଥି ଭାବେ ଯୋଗ୍ଦେଇକରି ଇ ଡାକ୍ଘର୍କେ ଉଦ୍ଘାଟନ୍ କରିଛନ୍ । ଡାକ୍ଘର୍ ପରିସର୍ ନ ଡିଜିଟାଲ୍ ସେବା ଲାଗି ମାହାଲିଆ ଇଂଟର୍ନେଟ୍ ସୁବିଧା ସହେତେ ଛାତ୍ରଛାତ୍ରୀମାନ୍କର୍ ଲାଗି ଭିନ୍ ଭିନ୍ ବ୍ୟବସ୍ଥା କରାଯାଇଛେ ।

ଇନ୍ଧନ୍ -ନିୟନ୍ତ୍ରଣ କକ୍ଷ     ବଲାଙ୍ଗିର୍ ସମ୍ବାଦଦାତା

ଗେସ୍ ଆଉ ଇନ୍ଧନ୍ ବାବଦ୍ ସୂଚ୍ନା ଲାଗି ବଲାଙ୍ଗିର୍ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଗୁଟେ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଖୁଲାଯାଇଛେ । ଇଥିର୍ଲାଗି ପ୍ରଶାସନ୍ ତର୍ଫୁ ଟୋଲ୍ଫ୍ରି ନମ୍ବର୍

ଭିଲ୍ ଜାରି କରାଯାଇଛେ । ଜିଲ୍ଲାବାସୀ ଇ ନମ୍ବର୍ ଜରିଏ ଇନ୍ଧନ୍ ଆଉ ଗେସ୍ ବାବଦ୍ ଭିନ୍ ଭିନ୍ ସୂଚ୍‌ନା ପାଇପାର୍‌ବେ ।

ପୁଲିସ୍ ସୁଟିଂ ପ୍ରତିଯୋଗିତା          ଆଇ ଆଣ୍ଡ୍ ପି.ଆର୍

ହରିଆନାର୍ ଗୁରୁଗ୍ରାମ୍ ଠାନେ ଚାଲିଥିବାର୍ ୨୬ ନମ୍ବର୍ ସର୍ବଭାରତୀୟ ପୁଲିସ୍ ସୁଟିଂ ପ୍ରତିଯୋଗିତାଥି ଓଡ଼ିଶା ପୁଲିସ୍ ସଫଲତା ହାସଲ୍ କରିଛେ । ଦେଶର୍ ଭିନ୍ ଭିନ୍ ରାଜ୍ୟ ପୁଲିସ୍ ବାହିନୀଙ୍କର୍ ଭିତ୍‌ରେ ଓଡ଼ିଶାର୍ ପୁଲିସ୍ ଦଲ୍ ୧୬ ଶହ ୧ ପଏଂଟ୍ ପାଇକରି ୨ ନମ୍ବର୍ ଠାନେ ରହିଛେ । ଦଲର୍ ଇ ସଫଲତା ଲାଗି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ ବାହାଦୂର୍ ଖୁରାନିଆ ଶୁଭେଚ୍ଛା ଜନେଇଛନ୍ ।

ଅଗ୍ନି ନିରାପତା ସଚେତନତା କାର୍ଯ୍ୟକ୍ରମ୍       ହି.ସ.

ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ଆଉ ଅଗ୍ନିଶମ ବିଭାଗ୍ ତର୍‌ଫୁ ଗଲାକାଏଲ୍ ସୁବର୍ଣ୍ଣପୁର୍ ଜିଲ୍ଲାର୍ ପୌରପରିଷଦ୍ କାର୍ଯ୍ୟାଳୟ ନ

ଅଗ୍ନି ନିରାପତା ସଚେତନତା ଆଉ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ (ସାଧାରଣ) ଅଞ୍ଜଳିନା ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଅତିଥି ମାନେ ଅଗ୍ନିକାଣ୍ଡ ର କାରଣ୍, ସେନୁ ରକ୍ଷା ପାଇବାର୍ ଲାଗି ସତର୍କତାମୂଲକ୍ ପଦକ୍ଷେପ୍ ବାବ୍‌ଦେ ବୁଝେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଉତର୍ ଭାଗ୍‌କେ ଲାଗିକରି ଥିବା ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାଲ୍‌କାନୁ ମଧମ୍ ଧରଣ୍ ବର୍ଷା ହେଇଛେ । କେତେଟା ଜାଗା ନ ଜବର୍ ଧୁକାଗର୍ଡ଼ି ସହେତେ କରାମାଡ଼୍ ଭିଲ୍ ହେଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭନ୍ ଭିନ୍ ଜାଗା ନ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଳିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।